ଶନିବାର , ୯ ଜୁଲାଇ, ୨୦୨୨

# ପିଲାଙ୍କ ଧରିତ୍ରୀ



# ଜଗା ଛାଡ଼ିଲା ଜିଦ୍

ଗପ

ପିଲାଟି ବେଳୁ ଜଗା ସବୁବେଳେ ଭାରି ଜିଦିଆ। ବଡ଼ଭାଇ ବଳିଆ ଓ ଭଉଣୀ ସୁଭଦ୍ରାଙ୍କର ଭାରି ଗେହ୍ଲା ସିଏ। ଦୁଇ ଭାଇ ଭଉଣୀ ଜଗାକୁ ଖୁବ୍ ସ୍ନେହ ଆଦର କରନ୍ତି। ଜଗାର କୌଣସି ବି ଜିଦ୍‌କୁ ଦୁଇ ଭାଇଭଉଣୀ କେବେ ବି ଟାଳନ୍ତି ନାହିଁ। ଖିରିପୁରିଠାରୁ ଆରମ୍ଭ କରି ଭଳିକିଭଳି ସ୍ୱାଦିଷ୍ଟ ଖାଇବା ଜଗାର ଭାରି ପସନ୍ଦ। ଆଉ ଏହି ଖାଇବା ସବୁକୁ ଜଗାର ମନପସନ୍ଦ ଅନୁସାରେ ଯୋଗାଇ ଦିଅନ୍ତି ସମସ୍ତେ। ଖାଲି ଭାଇଭଉଣୀ କାହିଁକି ବରଂ ସାହିପଡ଼ିଶା ଓ ବନ୍ଧୁବାନ୍ଧବଙ୍କର ଅନ୍ୟ ଭାଇଭଉଣୀ ଅପେକ୍ଷା ଜଗା ହେଉଛି ଭାରି ଗେହ୍ଲା। ସବୁ ପର୍ବପର୍ବାଣିରେ ଜଗାର ମନଲାଖି ପୋଷାକ ଓ ଭଳିକି ଭଳି ଖାଇବା ରାନ୍ଧି ଜଗାକୁ ସମସ୍ତେ ଖୁବ ଶ୍ରଦ୍ଧାରେ ପରଷି ଦିଅନ୍ତି ।

ଦିନକର କଥା, ଖରାଦିନ ଯୋଗୁ ଜଗା ଦେହରୁ ଗମଗମ ଝାଳ ବାହାରୁଥାଏ। ପିଲାଟି ବେଳୁ ଜଗା ଯେହେତୁ କେବେ ଏତେ କଷ୍ଟ ସହିନି ଏଣୁ ଅସମ୍ଭାଳ ଗରମ ମଧ୍ୟ ସହିପାରୁ ନ ଥାଏ। ଆଉ ଏହି ଗରମରୁ ଟିକିଏ ଆରାମ ପାଇଁ ଜଗା, ବଡ଼ଭାଇ ବଳିଆ ଆଗରେ ମନଭରି ଗାଧେଇବାକୁ ଖୁବ୍ ଜିଦ୍ କଲା। ହେଲେ ଭାଇ ବଳିଆ ଜଗାକୁ ତାଗିଦ କଲେ ଓ ଖରାଦିନେ ବେଶି ପାଣିରେ ଗାଧେଇଲେ ଥଣ୍ଡା ଓ ଜ୍ୱର ହେବ କହି ବୁଝାଇଲେ। ହେଲେ ଜଗା ତ ଭାରି ଜିଦିଆ, ତା'ର ଏକା ଜିଦ୍ ସିଏ ଭାଇଭଉଣୀଙ୍କ ସହ ମନଭରି ଗାଧେଇବ ହିଁ ଗାଧେଇବ। ପିଲାଟି ବେଳୁ ଯେହେତୁ ଜଗାର ସବୁ ଜିଦ୍‌କୁ ବଡଭାଇ ହିସାବରେ ସବୁବେଳେ ପୂରା କରି ଆସିଛନ୍ତି ଏଣୁ ସାନ ଭାଇର ଏହି ଜିଦ୍‌ରେ ମଧ୍ୟ ବଡ଼ଭାଇ ରାଜିହେବାକୁ ବାଧ ହେଲେ। ଆଉ ଜଗା ସହ ମନଭରି ଗାଧେଇବାକୁ ସବୁ ଭାଇଭଉଣୀ ଏକାଠି ଗଲେ। ଖରା ଗରମରେ ଭାଇଭଉଣୀ ମନଭରି ଥଣ୍ଡା ପାଣିରେ ଗାଧେଇଲେ। ଝାଳ ଓ ଅସହ୍ୟ ଗୁଳୁଗୁଳି ବେଳେ ଥଣ୍ଡାପାଣିରେ ଗାଧେଇବା ଖୁବ୍ ମଜା ଲାଗିଲା। ଆଉ ଘଣ୍ଟାଘଣ୍ଟା ଧରି ଥଣ୍ଡାପାଣିରେ ଗାଧୋଇ ଖୁବ୍ ଆରାମ ଅନୁଭବ କଲେ ଭାଇଭଉଣୀ। ହେଲେ, ଗରମ ଦିନରେ ଏତେ ଥଣ୍ଡାପାଣିରେ ଗାଧୋଇବା ଦେହ ପାଇଁ ଆଦୌ ହିତକର ନୁହଁ। ଏଣୁ ଗାଧୋଇବାର କିଛି ସମୟ ପରେ ସବୁ ଭାଇଭଉଣୀଙ୍କୁ ଖୁବ୍ ଜୋରରେ ଥଣ୍ଡା ଧରିଲା। କାଶ, ଛିଙ୍କ ଓ ଥଣ୍ଡା ସାଙ୍ଗକୁ ସବୁ ଭାଇଭଉଣୀ ଭୀଷଣ ଜ୍ୱରରେ ପଡ଼ିଲେ। ବଇଦ ଆସି ସମସ୍ତଙ୍କୁ ଜଡିବୁଟି ସାଙ୍ଗକୁ କଢ଼ାପାନର ଔଷଧ ଦେଲେ। ହେଲେ, ଜ୍ୱରର ପ୍ରକୋପ ଏତେ ଥିଲା ଯେ ଏତେ ସହଜେ କାହାରି ଦେହରୁ ତାତି ଛାଡ଼ିଲା ନାହିଁ। ଏହା ଦେଖି ଘରେ ସମସ୍ତେ ଖୁବ୍ ବ୍ୟସ୍ତ ହୋଇପଡ଼ିଲେ। ସମସ୍ତେ ଭାଇଭଉଣୀଙ୍କର ଖୁବ୍ ସେବା ଯତ୍ନ କଲେ। ସଭିଙ୍କର ସେବାଯତ୍ନ ପାଇ ଆସ୍ତେଆସ୍ତେ ଭାଇଭଉଣୀ ସୁସ୍ଥ ହେବାରେ ଲାଗିଲେ। ଏଣେ, ବଡଭାଇଙ୍କ କଥା ନ ମାନି ଥଣ୍ଡାପାଣିରେ ଗାଧୋଇ ଅସୁସ୍ଥ ହୋଇଥିବା ଜଗା ନିଜେ ଅନୁଭବ କରିପାରିଲା। ଏଥିପାଇଁ ବଡ଼ଭାଇଙ୍କୁ ନିଜର ଭୁଲବୁଝି କ୍ଷମା ବି ମାଗିଲା। ଆଉ ଭବିଷ୍ୟତରେ ଗୁରୁଜନଙ୍କ କଥା ନ ମାନି ଏଭଳି ଜିଦ୍ କରିବ ନାହିଁ ବୋଲି ପ୍ରତିଜ୍ଞା କଲା। ଜଗା ନିଜର ଜିଦ୍ ଛାଡ଼ିବାକୁ ନେଇ ପ୍ରତିଜ୍ଞା କରିବା ଦେଖି ଘରେ ସମସ୍ତେ ଖୁବ୍ ଖୁସି ହେଲେ। ଏଥର ଭାଇଭଉଣୀ ସମସ୍ତେ ଭଲହୋଇ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ମାଉସୀଘରକୁ ବୁଲିଯିବାକୁ ବାହାରିଲେ। ମାଉସୀଘରେ ମୁଆଁ, ଆରିସା, କାକରା ଓ ଖିରିପିଠା ଖାଇ ଭାଇଭଉଣୀ ବେଶ୍ ଖୁସି ମଜା କଲେ।



**–ଶିବରାମ ମହାପାତ୍ର**
ମହୀତମା, ନୟାଗଡ଼
ମୋ: ୯୫୫୬୭୪୮୫୯୧୦



## ଖିଲି ଖିଲି ହସ

ବିଜ୍ଞାନ କ୍ଲାସ ଚାଲିଥିବା ସମୟରେ ଶିକ୍ଷକ ପଚାରିଲେ– ଝିଟିପିଟି କିଏ ?
ଦାନ୍ତ ଚିପି ଚିପି ପପୁ କହିଲା–ଝିଟିପିଟି ଏକ ଛୋଟ କୁମ୍ଭୀର, ଯାହାକୁ ପିଲାବେଳେ ବର୍ନଭିଟା ମିଳିନି, ସେ କୁପୋଷଣର ଶିକାର ହୋଇଛି।

ଭିକାରି: ଭାଇ କିଛି ଟଙ୍କା ଦିଅ।
ରାଜୁ –କାଲି ଆସ।
ଭିକାରି – ଏଇ କାଲି କାଲି ଚକ୍କରରେ ମୋର ଏ କଲୋନୀରେ ହଜାର ହଜାର ଟଙ୍କା ବାକି ପଡ଼ିରହିଲାଣି।

ପେଟ୍ରୋଲ ଦାମ୍ ବଢ଼ିବା ପରେ ଦାମବାବୁ ବାଇକ୍ ନେଇ ପେଟ୍ରୋଲ ପମ୍ପ ଗଲେ। ସେଲ୍‌ସମ୍ୟାନ୍–ଆଜ୍ଞା, କେତେ ଟଙ୍କାର ପେଟ୍ରୋଲ ଭରିବି ?
ଦାମବାବୁ– ଭାଇ, ୨–୪ଟଙ୍କାର ପେଟ୍ରୋଲ ଗାଡ଼ି ଉପରେ ଛିଞ୍ଚିଦିଅ ଯାକୁ ନିଆଁ ଲଗାଇ ଦେବି।

## ରଙ୍ଗ ଦିଅ



## ମତାମତ

- ‘ଗୁରୁଜୀଙ୍କ ପରୀକ୍ଷା’ ଗପଟି ପଢ଼ିବାକୁ ଭଲ ଲାଗିଲା। **–ଆୟୁଷ ପରିଜା,** ବାଲିଗୁଡା, କନ୍ଧମାଳ
- ‘ତୁମ ତୂଳୀରୁ’ ସ୍ତମ୍ଭରେ ପ୍ରକାଶିତ ରଥଯାତ୍ରା ସମ୍ପର୍କିତ ସବୁ ଚିତ୍ର ଚିତ୍ତାକର୍ଷକ ହୋଇଛି। **–ଦିବ୍ୟାଶ୍ରୀ ମଙ୍ଗରାଜ,** କୃଷ୍ଣପ୍ରସାଦ, ପୁରୀ
- ‘ଚିତ୍ରରୁ ପ୍ରାଣୀଙ୍କୁ ଖୋଜ’ ପିଲାଙ୍କ ପାଇଁ ଅଭିନବ ପଦକ୍ଷେପ ଥିଲା। **–ଦେବାଶିଷ କର,** ଆଙ୍କପଦା, ଭଦ୍ରକ
- ‘ଜଣା ଅଜଣା’ ସ୍ତମ୍ଭରୁ ଅନେକ ଗୁଡ଼ିଏ କଥା ଜାଣିବାକୁ ମିଳୁଛି। ବିଭିନ୍ନ ପ୍ରକାର ଦର୍ଶନୀୟ ସ୍ଥାନ ସମ୍ପର୍କରେ ସୂଚନା ଦେବାକୁ ଅନୁରୋଧ। **–ବୈଶାଖୀ ସାହୁ,** ଗଙ୍ଗନଗର, ଭୁବନେଶ୍ୱର
- ‘ମହାକାଶର ଜାଗ୍ରତ ପ୍ରହରୀ’ ବିଷୟଟି ପଢ଼ି କିଛି ନୂଆ କଥା ଜାଣିଲି। **–ଆରାଧ୍ୟା ସେନାପତି,** ଘସିପୁରା, କେନ୍ଦୁଝର

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ



**ଜଗତମଙ୍ଗଳ ଲୀଳା ଲାଗି ମହାପ୍ରଭୁ ଶ୍ରୀମନ୍ଦିର ଛାଡ଼ି ଆସିଥିଲେ ଜନ୍ମସ୍ଥଳୀକୁ । ୯ଦିନର ଲୀଳାଖେଳା ସାରି ଆଜି ବାହୁଡ଼ି ଯିବେ ଦାରୁଦିଅଁ। ପୁଣିଥରେ ବଡ଼ଦାଣ୍ଡ ଲୋକାରଣ୍ୟ ହେବ। ଚକାନୟନଙ୍କୁ ରଥ ଉପରେ ଦର୍ଶନ କରି ଭକ୍ତ ହୋଇଉଠିବେ ଆତ୍ମବିଭୋର...**



# ବାହୁଡ଼ିବେ ମହାବାହୁ

ରଥ ପଥ ପୁଣି ଥରେ ପ୍ରସ୍ତୁତ । ଭାଇଭଉଣୀଙ୍କ ସହ ଗୁଣ୍ଡିଚା ମା'ର କୋଳ ଛାଡ଼ି ରଥକୁ ଫେରିଆସିବେ ଶ୍ରୀଜଗନ୍ନାଥ । ତିନିଦିଅଁଙ୍କୁ ରଥରେ ବସାଇ ଶ୍ରୀମନ୍ଦିରକୁ ପାଛୋଟି ନେବାକୁ ବଡ଼ଦାଣ୍ଡରେ ଭକ୍ତଙ୍କ ଭିଡ଼ । ଆଉ ରଥ ଉପରେ ସୁନାରେ ଛାଉଣି ହୋଇ ଦର୍ଶନ ଦେବେ। ତେବେ ଏଥର ବାହୁଡ଼ାଯାତ୍ରା କିପରି ପାଳନ କରିବେ ସେ ସମ୍ପର୍କରେ ଯାହା କୁହନ୍ତି ଏମାନେ ....

## ରଥରେ ଆସିବି ବୋଲି ଜିଦ୍ ଧରିଥିଲି



ଘରେ ରଥଯାତ୍ରା ପୂର୍ବରୁ ପୁରୀ ଯିବା ପାଇଁ ଜିଦ୍ ଧରି ବସିଥିଲି । କିନ୍ତୁ ବାପାଙ୍କ କାମ ଥିବାରୁ ଆସି ହେଲାନି। ଟିଭିରେ ସିଧାପ୍ରସାରଣ ଦେଖି ମନ ଖାଲି ଆଉଟୁପାଉଟୁ ହେଉଥିଲା । କାଳିଆକୁ ଭାରି ଝୁରୁଥିଲି। ସତରେ ରଥରେ ପ୍ରଭୁଙ୍କୁ ଦେଖି ପାରିବିନି। ହେଲେ ସେ ମୋ ମନକଥା ରଖିଲେ। ବାପା ଅଫିସ୍‌ରୁ ଛୁଟି ଆଣଛନ୍ତି। ବାହୁଡ଼ାରେ ଜଗନ୍ନାଥଙ୍କୁ ରଥ ଉପରେ ଦେଖିବାର ଉତ୍କଣ୍ଠାକୁ ଭାଷାରେ ପ୍ରକାଶ କରି ପାରୁନି। ପ୍ରଭୁଙ୍କ ଦର୍ଶନ ସାଙ୍ଗକୁ ଅଧରପଣା ନୀତି ପରେ ପଣା ପିଇ ଖୁସି ମନରେ ଘରକୁ ଫେରିବି।

**–ଅନ୍ୱେଷା ତ୍ରିପାଠୀ,** କ୍ଲାସ୍–୧୦,
କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ



## ବଡ଼ଦାଣ୍ଡରେ ନାଚିବି



ଭାଇଭଉଣୀ ସହ ପୁଣି ମୋ ଠାକୁରେ ରତ୍ନ ସିଂହାସନକୁ ଫେରିଯିବେ। ନବମୀ ଦର୍ଶନ ଦିନ ପରିବାର ସହ ପୁରୀରେ ଆସି ପହଞ୍ଚି ଯାଇଥିଲୁ। ଆଡ଼ପ ମଣ୍ଡପର ଅବଢ଼ା ଆଃ କି ବାସ୍ନା। ମହାପ୍ରସାଦ ପାଇ ତିନି ଠାକୁରଙ୍କ ଦର୍ଶନ କରିଥଲୁ। ଆଜି ବାହୁଡ଼ା ଯାତ୍ରାରେ କାଳିଆର ରଥ ଟାଣିବି। ଭଜନ, କୀର୍ତ୍ତନ, ହରିବୋଲରେ ବଡ଼ଦାଣ୍ଡରେ ନାଚିବି।

**–ଦିବ୍ୟାରାଣୀ ସାହୁ,** କ୍ଲାସ୍–୮,
ଜି.ଏସ୍ ଡୁଙ୍ଗୁରିପାଲ୍ଲୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର

## ଜଗା ଦର୍ଶନର ଲୋଭ ଘାରିଛି



ଶ୍ରୀଗୁଣ୍ଡିଚା ଯାତ୍ରାରେ ନ ହେଲା ନାହିଁ ବାହୁଡ଼ାଯାତ୍ରାରେ ରଥ ଟାଣିବାକୁ କାଳିଆର ଡୋରି ଲାଗିଛି । ପରିବାର ସହ ପୁରୀ ଆସିଛି। ଏଥର ୫ଦିନ ପୁରୀରେ ରହିବି। କାଳିଆକୁ ସୁନାବେଶରେ ଦେଖି ବହୁତ ଖୁସି ଲାଗିବ। ତା'ର କଳାମୁହଁକୁ ଦେଖି ମନ ପୂରିଯିବ। ୨ବର୍ଷ ପରେ ଭକ୍ତ କଳାଠାକୁରଙ୍କ ଦର୍ଶନ ପାଇଛନ୍ତି। ଯଦିଓ ପ୍ରବଳ ଭିଡ଼ ହୋଇଛି, ହେଲେ ମହାପ୍ରଭୁଙ୍କ ଦର୍ଶନକରିବାର ଲୋଭ ଆଗରେ ସେସବୁକୁ ଆଦୌ ଖାତିର ନାହିଁ। ।

**–ସୂରଯ ଧର,** କ୍ଲାସ୍–୧୦, ସରସ୍ୱତୀ ବିଦ୍ୟାମନ୍ଦିର, ଧନୁପାଲି,
ସମ୍ବଲପୁର

## ଦୀର୍ଘଦିନର ପ୍ରତୀକ୍ଷା ପୂରଣ ହେବ



ରଥଯାତ୍ରାରେ ଯାଇପାରିଲିନି ବୋଲି ମନ ଭାରି ଦୁଃଖ ଥିଲା । କିନ୍ତୁ ସେ ଆଶା ମଉଳିବାକୁ କାଳିଆ ଦେଲାନି । ରଥରେ ତିନି ଠାକୁରଙ୍କୁ ଦର୍ଶନ କରିବି ଆଉ ରଥ ଦଉଡ଼ି ଟାଣିବାକୁ ଯେଉଁ ଭାରି ଇଚ୍ଛା ଥିଲା ଆଜି ସେ ସ୍ୱପ୍ନ ପୂରଣ ହେବ। ବଡ଼ଦାଣ୍ଡ ଜୟ ଜଗନ୍ନାଥ ଧ୍ୱନିରେ ପୂରି ଉଠିବ। ଦୀର୍ଘ ଦିନର ଅପେକ୍ଷା ପରେ କାଳିଆକୁ ଦେଖିବି।

**–ବିବେକାନନ୍ଦ ସ୍ୱାଇଁ,** କ୍ଲାସ୍–୧୦,
ବୃନ୍ଦାବନ ଚନ୍ଦ୍ର ନୋଡାଲ ବିଦ୍ୟାଳୟ, ରେନ୍ତୁଆ,
ଜଗତସିଂହପୁର

## ସୁନାବେଶ ଦର୍ଶନ କରିବି



ଗୁଣ୍ଡିଚା ମା'ର କୋଳ ଛାଡ଼ି କାଳିଆ ପୁଣି ଭକ୍ତ ଗହଳିକୁ ଓହ୍ଲାଇ ଆସିବ। ରଥର ଘର୍ଘର ନାଦକୁ ଜୟ ଜଗନ୍ନାଥ ହୁରିରେ ସେ ବି ହସି ଉଠିବ। ତାକୁ ପାଖରେ ପାଇ ବହୁତ ଖୁସି ହେବି। ସୁନାବେଶରେ ତା'ର କଳାମୁହଁ କେଡେ ଚମତ୍କାର ଦିଶିବ ସତେ। ରଥ ଉପରେ ସୁନାବେଶରେ ଜଗାକୁ ଦର୍ଶନକରି ଆତ୍ମତୃପ୍ତି ଲାଭ କରିବି। କଳାଦିଅଁର ଖିଲିଖିଲି ହସ ଓ ଅଧରପଣା ଟିକେ ପାଇ ଖୁସି ମନରେ ଘରକୁ ଫେରିବି।

**–ଆୟୁଷ ମହାକୁଲ୍,** କ୍ଲାସ୍–୧୦,
କେନ୍ଦ୍ରୀୟ ବିଦ୍ୟାଳୟ, ଅନୁଗୋଳ





୧



୨



୩



୪



୫



୬




୭




୮



୯



୧୦



୧
ଦିବ୍ୟାଂଶୀ ରଥ
କ୍ଲାସ- ୭,
ଭେଙ୍କଟେଶ୍ୱର
ଇଂଲିଶ୍ ମିଡିୟମ୍
ସ୍କୁଲ, ମଞ୍ଚେଶ୍ୱର,
ଭୁବନେଶ୍ୱର



୨
ଅଂଶୁମାନ ପରିଡା
କ୍ଲାସ- ୫, ୟଙ୍ଗ
ଫୋନିକ୍ସ ପବ୍ଲିକ
ସ୍କୁଲ, ନୟାହାଟ,
ପୁରୀ



୩
ଅରିନ୍ଦମ ପଣ୍ଡା
କ୍ଲାସ- ୮,
ଡ୍ରିମ୍ ଇଣ୍ଟର
ନ୍ୟାସନାଲ ସ୍କୁଲ,
ଭୁବନେଶ୍ୱର



୪
ଅଙ୍କିତା ବାରିକ
କ୍ଲାସ-୬,
କେନ୍ଦ୍ରୀୟ
ବିଦ୍ୟାଳୟ ନଂ ୧,
ଭୁବନେଶ୍ୱର



୫
ଅଭିସୁମତ ସାମଲ
କ୍ଲାସ-୨, ପ୍ରଭୁଜୀ
ଇଂଲିଶ୍ ମିଡିୟମ୍
ସ୍କୁଲ, ଭିଏସଏସ୍
ନଗର, ଭୁବନେଶ୍ୱର



୬
ଆଦିତ୍ୟ
କୁମାର ଭୋଳ
କ୍ଲାସ- ୬, ଓଡିଶା
ଆଦର୍ଶ ବିଦ୍ୟାଳୟ,
ତ୍ରିଶୁଳିଆ, ଖୋର୍ଦ୍ଧା



୭
ଆଦ୍ୟା ମହାପାତ୍ର
କ୍ଲାସ୍-୫, ପ୍ରଭୁଜୀ
ଇଂଲିଶ
ମିଡିୟମ୍, ସ୍କୁଲ୍,
ଭୁବନେଶ୍ୱର



୮
ସାଇକ୍ରିଷ୍ଣା ମାଇତି
କ୍ଲାସ- ୭,
ବିବେକାନନ୍ଦ
ଶିକ୍ଷାକେନ୍ଦ୍ର,
କଇଥଖୋଲା,
ଧାମରା, ଭଦ୍ରକ



୯
ସାଇ ଶିବେଶ
ବେହେରା
କ୍ଲାସ- ୪,
କାର୍ମେଲ ସ୍କୁଲ,
ରାଉରକେଲା



୧୦
ଅଂଶୁମାନ ପ୍ରଧାନ
କ୍ଲାସ- ୬,
କ୍ରୀଷ୍ଣମୂର୍ତ୍ତି
ୱାର୍ଲଡ ସ୍କୁଲ,
ପ୍ରତାପନଗରୀ,
କଟକ



# ବାହୁଡ଼ା ଯାତ

ନଅ ଦିନ ହେଲା ଲାଗିଛି ଯାତରା
ଆଜି ତ ହୋଇବ ଶେଷ
କାଳିଆ, ବଳିଆ, ଭଉଣୀ କି ଧରି
ବାହୁଡ଼ିବେ ନିଜ ବାସ।
ରଥ ହେଲା ଆସି ଦାଣ୍ଡରେ ଠିଆ ଲୋ
ସାରଥି ହୋଇଲେ ସଜ
ଆଲଟ, ଚାମର, ଘଣ୍ଟ ଘଣ୍ଟା ପୁଣି
କେତେ ଘୋଡ଼ା, କେତେ ଗଜ।
ଗୁଣ୍ଡିଚା ମାଆର ଆଖିରୁ ଲୋତକ
ଧାର ଧାର ହୋଇ ଝରେ
ପୁଅ ବିନା ମାଆ କେମିତି ରହିବ
ଏହି କଥା ମନେ ଭାଳେ।
ମାଆକୁ ବୁଝାଇ, କୁହନ୍ତି କହ୍ନାଇ
ହୁଅ ନାହିଁ ତୁମେ ରୋଷ
କଥା ଦେଉଛି ମାଆ, କାମ ସାରି ପୁଣି
ଆସିବି ଆର ବରଷ।
କରମ ଭୂମି ମୋ ଅଟେ ଶ୍ରୀମନ୍ଦିର
ଛାଡ଼ି କି ପାରିବି କୁହ
କରମ ନ କଲେ, କହ୍ନାଇ ନାମରେ
ହେବ ପରା ଧର୍ମ ଦ୍ରୋହ।
ବାଜିଲାଣି ଘଣ୍ଟ, ଖୋଳ, କରତାଳ
ରଥରେ ଡାହୁକ ଡାକ
ଟାହିଆ ହଲେଇ ବାହାରିଲେ ପ୍ରଭୁ
ଦେଖୁଛି ଜଗତ ଯାକ।

**–ଛନ୍ଦା ମିଶ୍ର**
କଳିଙ୍ଗନଗର, ଭୁବନେଶ୍ୱର

**କ ବି ତା**

## ବାହୁଡିବେ ଜଗତନାଥ

ଆସ ସଙ୍ଗାତ ଆସ ଗୋ ମିତ
ଦେଖିଯିବା ଚାଲ ବାହୁଡାଯାତ
ଦୁଇବର୍ଷ ପରେ ଭକତ ମେଳରେ
ବଡଦାଣ୍ଡେ ବିଜେ ଜଗତନାଥ।
ବାଜୁଅଛି ଘଣ୍ଟଘଣ୍ଟା କାହାଳୀ
ହରିବୋଲ ସଙ୍ଗେ ଯେ ହୁଳହୁଳି
ଡାହୁକ ଡାକୁଛି ହୋ ଭକତେ ହୋ
ଶରଧା ବାଲିରେ ଜନଗହଳି।
ଆଗରେ ଆସୁଛି ତାଳଧ୍ୱଜ ପୁଣି
ମଝିରେ ଆସଇ ଦେବଦଳନ
ସଭାପଛେ ଆସେ ଘରଘର
ନାଦେ
ନନ୍ଦିଘୋଷେ ବସି କଳାବାମନ।
ନବଦିନ ରହି ଗୁଣ୍ଡିଚା ମନ୍ଦିରେ
ଆସୁଛନ୍ତି ବଡ଼ଦେଉଳେ ଫେରି
ପୋଡପିଠା ଖାଇ ମାଉସୀ
ଘରେ
କାଳିଆର ପେଟ ଯାଉଛି ପୁରି।

**–ପୂର୍ଣ୍ଣଚନ୍ଦ୍ର ନନ୍ଦ**
ବୀରରାମଚନ୍ଦ୍ରପୁର, ପୁରୀ

## ମୋ ପ୍ରିୟ ଠାକୁର

ଟିକି ଟିକି ହାତେ ମୁହିଁ
ଆଙ୍କେ ତୁମ ରଥ,
ସେ ରଥକୁ ଆସିବ ହେ
ପ୍ରଭୁ ଜଗନ୍ନାଥ।
ନାଲି ହଳଦିଆ ରଙ୍ଗେ
କରିଛି ସୁନ୍ଦର,
ରଥେ ମାଳ ଝୁଲାଇଛି
ହେ ବଡ଼ ଠାକୁର।
ଟାଣିବି ମୁଁ ନିଜ ହାତେ
ତୁମ ଟିକି ରଥ,
ତୁମର ପୂଜା କରିବି
ଜଗତର ନାଥ।
ମନୋରମ ଦିଶୁଥିବ
ମୋ ଗଢ଼ା ରଥରେ,
ହସ ଭଲ ଦିଶୁଥିବ
ତୁମ ଅଧରରେ।
ନିରାଶ ନ କରିବ ହେ
କାଳିଆ ଠାକୁର,
ଜଗିଛି ମୁଁ ତୁମ ବାଟ
ମୋ ପ୍ରିୟ ଠାକୁର।

**–ରୁଦ୍ରରୂପା ବ୍ରହ୍ମା**
ହାଇସ୍କୁଲ ସାହି,
ଚିକିଟିଗଡ଼, ଗଞ୍ଜାମ

## ଏଥରର




- ବାହୁଡାଯାତ୍ରା ପୂର୍ବରୁ ଅଷ୍ଟମୀଦିନ ରଥକୁ କେଉଁ ଆଡକୁ ଟଣାଯାଏ ?
- ଯଜ୍ଞବେଦୀ କାହାକୁ କୁହାଯାଏ ?
- ଗୁଣ୍ଡିଚା ମନ୍ଦିରରୁ ରଥକୁ ତିନି ଠାକୁର କେଉଁ ପହଣ୍ଡିରେ ଯାଆନ୍ତି ?
- ନୀଳାଦ୍ରୀ ବିଜେ ଦିନ ଲକ୍ଷ୍ମୀନାରାୟଣ ଭେଟ କେଉଁଠାରେ କରାଯାଏ ?
- ଅର୍ଦ୍ଧାଶନୀ ଭାବେ କାହାକୁ ବୁଝାଯାଏ ?

**ଉ ତ୍ତ ର**

## ଗତଥରର

- ଆଷାଢ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥି
- ଗରୁଡଧ୍ୱଜ
- ତ୍ରିଲୋକମୋହିନୀ
- ଦର୍ପଦଳନ
- କଳା



## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

### କୁନି ନର୍ତ୍ତକୀ ଅନନ୍ୟା

ଅଦମ୍ୟ ଇଚ୍ଛାଶକ୍ତି ଓ ପରିଶ୍ରମ ହିଁ ସବୁ କାମ କରିବାପାଇଁ ସାହସ ଦେଇଥାଏ। ଯେତେବଡ ଅସୁବିଧା ଆସିଲେ ବି ନିଜ ଇଚ୍ଛାଶକ୍ତି ହିଁ ଆମକୁ ବଳ ଦେଇଥାଏ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ଚେନ୍ନାଇର ୯ବର୍ଷର ଝିଅ ଆର୍.ଏମ୍.ଅନନ୍ୟା। ଗିନିଜ୍ ରେକର୍ଡ ଦ୍ୱାରା ଅନୁଷ୍ଠିତ ଏକ ଭାରତନାଟ୍ୟମ କାର୍ଯ୍ୟକ୍ରମରେ ୫୦୦୦ପିଲାଙ୍କ ଭିତରୁ ସେ ଚମତ୍କାର ପ୍ରଦର୍ଶନ କରି ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଅନନ୍ୟା ୫ବର୍ଷ ବୟସରୁ ଭାରତନାଟ୍ୟମ ଶିଖିବା ଆରମ୍ଭ କରିଥିଲେ ଏବଂ ସେବେଠାରୁ ସେ ଷ୍ଟେଜ୍ ପ୍ରୋଗ୍ରାମ କରି ଆସୁଛନ୍ତି। ଥରେ ତାଙ୍କ ମାଆ ଅସୁସ୍ଥ ହେବା ସହ ବାପା ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ଏହାପରେ ତାଙ୍କ ପରିବାରର ଆର୍ଥିକ ସ୍ଥିତି ଖରାପ ହୋଇ ଯାଇଥିଲା କିନ୍ତୁ ତା ସତ୍ତ୍ୱେ ବି ସେ ଭାରତନାଟ୍ୟମ ଶିଖିବା ବନ୍ଦ କରି ନ ଥିଲେ।




ଦିନେ ତାଙ୍କ ଗୁରୁ କୃଷ୍ଣପ୍ରିୟା ନଟରାଜ ମନ୍ଦିରରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ନୂପୁର ପିନ୍ଧି ନୃତ୍ୟ ପ୍ରଦର୍ଶନ କରିବାକୁ କହିଲେ। କିନ୍ତୁ ତାଙ୍କ ପରିବାର ଆର୍ଥିକ ଓ ମାନସିକତା ଭଲ ନ ଥିବାରୁ ଝିଅକୁ କୌଣସି ପ୍ରୋଗାମରେ ଭାଗନେବାକୁ ଚାହୁଁ ନ ଥିଲେ। ପରେ ଗୁରୁଙ୍କ ସାହାଯ୍ୟ ଯୋଗୁ ଅନନ୍ୟା ପ୍ରସ୍ତୁତି ଆରମ୍ଭ କରିଥିଲେ। କିନ୍ତୁ ପ୍ରୋଗାମ ଆରମ୍ଭ ହେବାର କିଛିଦିନ ପୂର୍ବରୁ ଅନନ୍ୟା ଡେଙ୍ଗୁରେ ପୀଡିତ ହେଲେ। ସେ ଠିକ୍ ଭାବରେ ଚାଲିବୁଲି ପାରୁ ନ ଥିଲେ ଏବଂ ଖାଦ୍ୟ ଖାଉ ନ ଥିଲେ। ପରିବାର ପ୍ରୋଗାମରେ ଭାଗନେବାକୁ ଯେତେ ମନାକଲେ ମଧ୍ୟ ଅନନ୍ୟା ରାଜି ହୋଇ ନ ଥିଲେ। ପ୍ରୋଗାମ ଦିନ ଅନନ୍ୟା ୧୦୨ଜ୍ୱରରେ ଥାଇ ବି ନିଜର ନୃତ୍ୟ ପ୍ରଦର୍ଶନ କରିଥିଲେ। ଦର୍ଶକ ଓ ପରିବାର ଲୋକେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

## କହିଲ ଦେଖି

ସବୁ ଯାତ ମଧ୍ୟେ ଏ ଯାତ ସାର
ଦିଅଁ ଯାଇଥାନ୍ତି ଗୁଣ୍ଡିଚା ଘର
ନବ ଦିନ ସେଠି ରହି,
ପୁଣି ବାହୁଡ଼ାରେ ମନ୍ଦିର ଫେରନ୍ତି
ଯାତ୍ରା ନାମ ଦିଅ କହି

**ଉ- ରଥଯାତ୍ରା**



ନୁହେଁ ଗାଡ଼ି ନୁହେଁ ଶଗଡ଼
ବିମାନ ପରି ଶୋଭା,
ଚଉଦ, ଷୋହଳ,ବାରଟି ଚକରେ
ଦିଶେ କେଡ଼େ ମନଲୋଭା
ତିନୋଟି ନାମରେ ଖ୍ୟାତ
ବିଜେ ଏହା ଶିରୀକ୍ଷେତ୍ର
ଦେଶ ବିଦେଶର ଭକ୍ତ ଆସିଥାନ୍ତି
ଦେଖିବାକୁ ଏହି ଯାତ,
କୁହ କିସ ଏହା ମିତ ?

**ଉ- ତିନି ରଥ**



ସୂର୍ଯ୍ୟ ଚନ୍ଦ୍ର ପରି ଦିଅଁଙ୍କ ଆଖି
ପତା ନାହିଁ ସବୁ ପାରନ୍ତି ଦେଖି
ତିନି ଦିଅଁ ଭକ୍ତ ଭାବରେ ଭୋଳା,
ରଙ୍ଗ ତାଙ୍କ ଧଳା, ହଳଦୀ, କଳା
ରତ୍ନ ସିଂହାସନେ ଥାଆନ୍ତି ସେଇ,
ନଅ ଦିନ ପାଇଁ ଜନ୍ମବେଦୀ ଯାଇ
ଦେଖନ୍ତି ଭକତ ଜନ
ସିଏ ତ ଭଉଣୀ ଭାଇ
ତାଙ୍କ ନାମ ଦିଅ କହି !

**ଉ- ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ**



**–କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧୀମାର୍ଗ, ଅନୁଗୋଳ
ମୋ: ୯୯୩୮ ୧୩୩୫୫୯



## ବ୍ଲୁ ହ୍ୱେଲ୍ ଜିଭ

ଗୋଟିଏ ବ୍ଲୁ ହ୍ୱେଲ୍ ଜିଭର ଓଜନ କେତେ ଜାଣିଛ ? ଏହାର ଓଜନ ପାଖାପାଖି ୨.୭ ଟନ୍ । ସେମାନଙ୍କ ଜିଭର ଓଜନ ପ୍ରାୟ ଗୋଟେ ହାତୀର ଓଜନ ସହ ସମାନ।




## ମାରିଆନା ସ୍ନେଲଫିସ୍

ପିଲାଏ, ତୁମେମାନେ ବିଭିନ୍ନ ପ୍ରକାର ସାମୁଦ୍ରିକ ଜୀବ ବିଷୟରେ ଅଳ୍ପେ ବହୁତେ ଜାଣିଥିବ । ମାରିଆନା ସ୍ନେଲଫିସ୍ ବିଷୟରେ ଜାଣିଲେ ନିଶ୍ଚୟ ଆଶ୍ଚର୍ଯ୍ୟ ହେବ । ଏହି ଜୀବ ସମୁଦ୍ର ଭିତରେ ଅତି ଗଭୀରରେ ଏପରି କି ପ୍ରାୟ ୮୦୦୦ ଫୁଟ ତଳେ ରହିପାରେ ।

## ଅସରପା ମୁଣ୍ଡ


ପିଲାଏ, ଅସରପା ନିଶ୍ଚୟ ଦେଖିଥିବ। କିନ୍ତୁ କହିଲ, ଗୋଟିଏ ଜୀବର ମୁଣ୍ଡ କଟିଗଲେ ସେ କ'ଣ ବଞ୍ଚିପାରେ ? କିଛି ସମୟ ପରେ ସେହି ଜୀବର ମୃତ୍ୟୁ ହୋଇଥାଏ। ହେଲେ ଯଦି ଅସରପାର ମୁଣ୍ଡ କଟିଯାଏ ତେବେ ସେ ପ୍ରାୟ ଗୋଟେ ସପ୍ତାହ ପର୍ଯ୍ୟନ୍ତ ବଞ୍ଚିପାରେ।





## ଓଟପକ୍ଷୀ ଗୋଡ଼

ଓଟପକ୍ଷୀର ଗୋଡ଼ ଭାରି ଟାଣ । ଖାସ୍ କଥା ହେଲା, ଏହାକୁ ସେ ନିଜର ଅସ୍ତ୍ର ଭାବରେ ବ୍ୟବହାର କରିଥାଏ । ଏପରି କି ଯଦି ଓଟପକ୍ଷୀଟିଏ ଲାତ ମାରେ ତେବେ ସେଥିରେ ଜଣେ ମଣିଷ ଏପରି କି ସିଂହ ପାଇଁ ପ୍ରାଣଘାତକ ହୋଇପାରେ ।



## ସବୁଠୁ କ୍ଷୁଦ୍ର ପ୍ରାଣୀ

ସବୁଠାରୁ କ୍ଷୁଦ୍ର ପ୍ରାଣୀ ହେଉଛି 'ମେ ଫ୍ଲାଏ' । ଏହି ପ୍ରାଣୀ ମାତ୍ର ୨୪ଘଣ୍ଟା ପର୍ଯ୍ୟନ୍ତ ବଞ୍ଚିଥାନ୍ତି। ଏମାନେ ପିଲା ଜନ୍ମ କରି ସାରିଲା ପରେ ମରିଯାନ୍ତି।

## ପାଣ୍ଡେମୋନିୟମ

ଏକ ନିର୍ଦ୍ଦିଷ୍ଟ ପ୍ରାଣୀଙ୍କ ଦଳକୁ ଗୋଟିଏ ଗୋଟିଏ ନାମରେ ପ୍ରକାଶ କରାଯାଇଥାଏ । ପିଲାଏ, ତୁମେ ନିଶ୍ଚୟ ଶୁଆ ଦେଖିଥିବ । ସେମାନେ କଥାହେଲେ ତାକୁ ଶୁଣିବାକୁ ଭାରି ମଜା ଲାଗେ । ଯଦି ଏକାଧିକ ଶୁଆ ଗୋଟିଏ ସ୍ଥାନରେ ଏକତ୍ରିତ ହୁଅନ୍ତି ସେହି ଗ୍ରୁପକୁ 'ପାଣ୍ଡେମୋନିୟମ୍' ବୋଲି କୁହାଯାଏ ।



# ଆ
# ଇ
# ନା



ଭକ୍ତି ମିଶ୍ର
୯ ବର୍ଷ / ଭଦ୍ରକ



ଦୀକ୍ଷା ଦିବ୍ୟାଶ୍ରୀ
୯ ବର୍ଷ / ପୁରୀ